**୧୦୯୮ ଏବେ ରାୟଗଡ଼ାରେ**

# ଚାଇଲ୍ଡଲାଇନ - ରାୟଗଡା

## ସହଯୋଗୀ ସଂସ୍ଥା - ଶକ୍ତି ସଂଗଠନ, ସାଇପ୍ରିୟା ନଗର, ରାୟଗଡା

**ଚାଇଲ୍ଡଲାଇନ୍ କଣ ?**

ଚାଇଲ୍ଡଲାଇନ୍, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରାୟୋଜିତ ଓ ଚାଇଲ୍ଡଲାଇନ୍ ଇଣ୍ଡିଆ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ଏକ ପ୍ରକଳ୍ପ । ଚାଇଲ୍ଡଲାଇନ୍ ସାରା ଭାରତରେ ୨୪ ଘଣ୍ଟିଆ ଜରୁରୀ କାଳୀନ ଦେୟମୁକ୍ତ ଟେଲିଫୋନ୍ ସେବା । ବିପଦରେ ପଡି ସାହାଯ୍ୟ ତଥା ନିଜର ସୁରକ୍ଷା ଆବଶ୍ୟକ କରୁଥିବା ୦-୧୮ ବର୍ଷ ବୟସର ଶିଶୁମାନଙ୍କ ପାଇଁ ଏହା ଦିବାରାତ୍ର କାମକରେ ।ଏହାର ନମ୍ବର - ୧୦୯୮ ।

**ଏହାର ଉଦ୍ଦେଶ୍ୟ ?**

ବିପଦରେ ପଡି ଯତ୍ନ, ସୁରକ୍ଷା ଓ ଥଇଥାନ ଚାହୁଁଥିବା ଶିଶୁମାନଙ୍କ ପାଖର କିମ୍ବା ସେମାନଙ୍କ ସ-ର୍କରେ ୧୦୯୮ନମ୍ବର ଫୋନ ମାଧ୍ୟମରେ ସେମାନଙ୍କ ଦୁର୍ଦ୍ଦଶା ସଂପର୍କରେ ଜାଣିବା ପରେ ଶିଶୁମାନଙ୍କ ସହ ତୁରନ୍ତ ଯୋଗାଯୋଗ କରି ସେମାନଙ୍କୁ ବିପଦ ମୁକ୍ତ କରିବା ଦିଗରେ ଜରୁରୀ କାଳିନ ପଦକ୍ଷେପ ନେବା ଓ ଆବଶ୍ୟକ ସ୍ଥଳେ ଦୀର୍ଘମିଆଦୀ ସୁତ୍ରରେ ଶିଶୁମାନଙ୍କୁ ଥଇଥାନ କରାଇବା ।

**ଏହା କିଭଳି କାମକରେ ?**

ଚାଇଲ୍ଡଲାଇନର ନମ୍ବର- ୧୦୯୮ । ଯେ କେହି ଲୋକଏହି ନମ୍ବରରେ ଅସହାୟ ଶିଶୁମାନଙ୍କ ସ-ର୍କରେ ମାଗଣାରେ ଟେଲିଫୋନ୍ କରିପାରିବେ । ସାହାଯ୍ୟ ଆଶା କରୁଥିବା ପିଲାମାନେ ନିଜେ, ସେମାନଙ୍କର ବନ୍ଧୁ ବାନ୍ଧବ , ବାପା, ମା, ସାହି ପଡୋଶୀ କିମ୍ବା ଏମାନଙ୍କ ବିଷୟରେ ଜାଣିଥିବା ଯେକୌଣସି ଜନସାଧାରଣ, ସମାଜସେବୀ , ସମାଜ ସେବା ସଂସ୍ଥା ଏହି ୧୦୯୮ ନମ୍ବରରେ ଟେଲିଫୋନ୍ କରି ଅସହାୟ ଶିଶୁମାନଙ୍କ ବିଷୟରେ ଚାଇଲ୍ଡଲାଇନକୁ ଜଣାନ୍ତୁ ।

୧୦୯୮ ନମ୍ବରରେ ଟେଲିଫୋନ ପାଇଲେ, ଚାଇଲଡ୍ଲାଇନର କର୍ମୀ ଓ ଏହାର ସହଯୋଗୀ ସଂସ୍ଥାଗୁଡିକ ଟେଲିଫୋନ କରିଥିବା ଶିଶୁ,ବ୍ୟକ୍ତି, ସଂସ୍ଥା ବା ଅନୁଷ୍ଠାନ ମାନଙ୍କ ପାଖରେ ସିଧାସଳଖ ବା ପରୋକ୍ଷ ଭାବରେ ପହଞ୍ଚି ତାକୁ ଉଦ୍ଧାର ଓ ଆବଶ୍ୟକ ସୁରକ୍ଷା ପ୍ରଦାନ କରିଥାନ୍ତି ।

**ଏହା କେଉଁ ଶିଶୁମାନଙ୍କ ପାଇଁ କାମକରେ ?**

**୦ ରୁ ୧୮ ବର୍ଷବୟସରଶିଶୁ ଯଥା :**

- ନବଜାତ ପରିତ୍ୟକ୍ତ ଶିଶୁ,
- ମାନସିକ ବିକାରଗ୍ରସ୍ତ ଶିଶୁ,
- ନିର୍ଯ୍ୟାତିତ ଓ ଅବହେଳିତ ଶିଶୁ,
- ଘରଲୁଚି ପଳାଇଯାଇଥିବା ଶିଶୁ,
- ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶିଶୁ,
- ଠିକାଦାର ମାନଙ୍କ ଦ୍ୱାରା ନିକ୍ଷେପିତ ହେଉଥିବା ଶିଶୁ,
- ନିଖୋଜ ହୋଇ ରାସ୍ତାରେ ଏଣେ ତେଣେ ବୁଲୁଥିବା ଶିଶୁ,
- ଭିକ୍ଷାବୃତ୍ତି କରୁଥିବା ଶିଶୁ,
- ଜବରଦସ୍ତ ନିଜ ପିତା ମାତା ଙ୍କ ଠାରୁ ଅଲଗା ହୋଇଥିବା ଶିଶୁ,
- ଦାଦନ ଶ୍ରମିକ ହିସାବରେ ବାହାରକୁ ଯାଇ ଘରକୁ ଫେରି ପାରୁନଥିବା ଶିଶୁ,
- ଅପ୍ରାପ୍ତ ବୟସରେ ବିବାହ କରି ନିର୍ଯ୍ୟାତିତା ଶିଶୁ,
- ଯୌନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶିଶୁ,
- ଘରଲୁଚି ପଳାଇ ଯାଇ ପୁଣି ଘରକୁ ଫେରି ପାରୁନଥିବା ଶିଶୁ
- ଘରୋଇ ଚାକର ଭାବେ ନିୟୋଜିତ ହୋଇଥିବା ଶିଶୁ
- ଶିଶୁ ଶ୍ରମିକ ।

**ଏଭଳି ଶିଶୁ ମାନଙ୍କୁ ଦେଖିଲେ, ଜାଣିଲେ ବା ଶୁଣିଲେ ତୁରନ୍ତ ୧୦୯୮ କୁ ଟେଲିଫୋନ କରନ୍ତୁ ।**

**ଆମରଲକ୍ଷ :ଏମିତି ଏକ ସମାଜ ଗଠନ କରିବା ଯାହା ଶିଶୁ ମାନଙ୍କୁ ସେମାନଙ୍କର ଅଧିକାର ଓ ସୁରକ୍ଷା ଦେଇପାରିବ ।**

Shakti Organisation
Catalysing Sustainable Development

**୧୦୯୮ ରେ ଫୋନରେ ମାଗଣାରେ କଥା ହୋଇ ପାରିବେ ।**

SGP 9437721197

**୧୦୯୮ ନମ୍ବରରେ ଫୋନ କରନ୍ତୁ ଓ ଏକ ଅସହାୟ ଶିଶୁକୁ ରକ୍ଷା କରନ୍ତୁ ।**

**ମନେରଖନ୍ତୁ – ଆପଣଙ୍କର ଗୋଟିଏ ମାତ୍ର ଟେଲିଫୋନ୍ କଲ୍ ଜଣେ ଅସହାୟ ଶିଶୁର ଜୀବନ ଧାରା ବଦଳାଇ ଦେଇପାରେ ।**